# Akashvani, Sambalpur

## SAMBALPURI NEWS EVENING BULLETIN

**5 August 2025- 7.02 pm- 7.12 pm.**

**********************************************

୧- ଜଙ୍ଗଲ୍ ସୁରକ୍ଷା ନିୟମ୍ ପାଲନ୍ କର୍‌ବାର୍ ସମିଆଥି ଜଙ୍ଗଲ୍ ଇଲାକାର୍ ଲୁକ୍‌କୁ ସମ୍ବେଦନ୍‌ଶୀଲ୍ ବେଭାର୍ ଦେଖାବାର୍‌କେ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

୨- ବିବାଦ୍‌ର ସମାଧାନ୍ ଲାଗି ମଧ୍ୟସ୍ଥତା ଗୁଟେ ସରଲ୍ ପ୍ରକ୍ରିୟା - କହେଲେ ହାଇକୋର୍ଟ ମୁଖ୍ୟ ବିଚାର୍‌ପତି ।

୩- ନିଯୁକ୍ତ ହେଲେ ମହିଳା କମିଶନ୍ ଆଉ ଶିଶୁ ସୁରକ୍ଷା ଆୟୋଗ୍‌ର ଅଧ୍ୟକ୍ଷା ।

ଆଉର୍

୪- ଫାଇଲେରିଆ ଦୂର୍ କର୍‌ବାର୍ ଲାଗି ଆଏବା ୧୦ ତାରିଖ୍‌ନୁ ୧୨ ଟା ଜିଲ୍ଲା ନ ମୁଲ୍ ହେବା ସାମୂହିକ୍ ଉଷୋ ଖୁଆ ଅଭିଯାନ୍ ।

ମୁଖ୍ୟମନ୍ତ୍ରୀ-ବନଅଧିକାରୀ ସମ୍ମିଳନୀ I&PR

ଜଙ୍ଗଲ୍ ସୁରକ୍ଷା ନିୟମ୍ ପାଲନ୍ କର୍‌ବାର୍ ସମିଆଥି ଜଙ୍ଗଲ୍ ଇଲାକାର୍ ଲୁକ୍‌କୁ ସମ୍ବେଦନ୍‌ଶୀଲ୍ ବେଭାର୍ ଦେଖାବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ - ବନ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ, ରାଏଜେ ଜଙ୍ଗଲ୍ ବଢ଼ାବାର୍ ଲକ୍ଷ୍ୟକେ ବନ ଅଧିକାରୀ ମାନେ ମିଶନ୍ ଭାବେ ଗ୍ରହଣ୍ କରୁନ୍ । ରାଏଜେ ଜଙ୍ଗଲ୍ ଇଲାକା ୫ ଶହ ୫୯ ବର୍ଗ କିଲୋମିଟର୍‌କେ ବଢ଼୍‌ବାର୍ ସହେତେ ଓଡ଼ିଶା ସର୍ବଭାରତୀୟ ସ୍ତର୍‌ଥି ୩ ନମ୍ବର୍ ଜାଗା ନ ରହିଛେ । ବିପର୍ଯ୍ୟୟର୍ ମୁକାବିଲାର୍ ଲାଗି ସମୁଦ୍ର ଖଁଡ଼ି ହେନ୍ତାଲ ବଣ ୧ ଦଶ୍‌ମିକ୍ ୫/୫ ବର୍ଗ କିଲୋମିଟର୍ ବଢ଼ିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ହାତୀ ଆର୍ ମୁନୁଷ୍ ଲଢ଼େଇ କମ୍ କର୍‌ବାର୍ ଲାଗି ଜଙ୍ଗଲ୍ ଭିତ୍‌ରର୍ ଖାଲି ଜାଗା ମାନ୍‌କେ ହାତୀମାନ୍‌କର୍ ଖାଦ୍ୟର୍ ଲାଗି ଧାନ୍ ଚାଷ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ଇତାର୍‌ସହେତେ ଅଧିକାରୀମାନ୍‌କୁ ଦୁର୍ନୀତିନୁ ଦୂରେଇ ରହେବାରକେ ଭିଲ୍ ସେ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ରାଜ୍ୟର୍ ଚାଷୀମାନ୍‌କୁ କମ୍ ଦାମ୍‌ଥି ଭଲ୍ ଫଲ୍ ଗଛ୍ ଯୁଗେଇ ଦେବାର୍ ଲକ୍ଷ୍ୟଥି ଇ ଅବ୍‌ସରେ ଆଂଚଳିକ ଉଦ୍ଭିଦ

ଗବେଷଣା କେନ୍ଦ୍ର, ଉଦ୍ୟାନ କୃଷି ବିଭାଗ୍ ଆଉ ଓଡ଼ିଶା ରାଜ୍ୟ ବିହନ୍ ନିଗମ୍ ଭିତ୍‌ରେ ଗୁଟେ ତ୍ରିପାକ୍ଷିକ ଚୁକ୍ତିପତ୍ର ସ୍ୱାକ୍ଷରିତ୍ ହେଇଛେ ।

ମୁଖ୍ୟମନ୍ତ୍ରୀ -ନୂଆଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୩ ଦିନିଆ ନୂଆଦିଲ୍ଲୀ ଗସ୍ତଥି ଯାଉଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଦଳୀୟ ଆଉ ଭିନ୍ ଭିନ୍ ସର୍‌କାରୀ କାର୍ଯ୍ୟକ୍ରମ୍‌ଥି ଯୋଗ୍‌ଦେବାର୍ କାର୍ଯ୍ୟସୂଚୀ ରହିଛେ । ରାଜ୍ୟ କମିଟି ଗଠନ୍, ବୋର୍ଡ଼ ନିଗମ୍ ନିଯୁକ୍ତି ବାବ୍‌ଦେ ଦଳର୍ କେନ୍ଦ୍ରୀୟ ନେତୃବୃନ୍ଦଙ୍କର୍ ସହେତେ ଆଲୋଚନା କର୍‌ବେ ବଲି ଜନାପଡ଼ିଛେ ।

ମୁଖ୍ୟ ବିଚାର୍‌ପତି ଆର୍‌ଏନ୍‌ୟୁ/ ସମ୍ବଲପୁର

ବିବାଦ୍‌ର ସମାଧାନ୍ ଲାଗି ମଧ୍ୟସ୍ଥତା ଗୁଟେ ସରଲ୍ ପ୍ରକ୍ରିୟା ଆଏ ବଲି ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ କହିଛନ୍ । କଟକ୍ ଓଡ଼ିଶା ଜୁଡ଼ିଆସିଆଲ୍ ଏକାଡେମୀ ଠାନେ ସ୍ଥାୟୀ ଲୋକ୍‌ଅଦାଲତ୍‌ର ଅଧ୍ୟକ୍ଷ ଆଉ ସଦସ୍ୟମାନ୍‌କର୍

ଲାଗି ସ୍ଥାୟୀ ମଧ୍ୟସ୍ଥତା ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଟଣ୍ଡନ୍ କହିଛନ୍, କେନ୍‌ସି ଭିଲ୍ ବିବାଦ୍‌ର ସମାଧାନ୍ ଲାଗି ଦୁହି ପକ୍ଷ ଗୁଟେ ସୁସ୍ଥ ବାତାବରଣ୍‌ଥି ଆପୋଷ୍ ଆଲୋଚନା କରିପାର୍‌ବେ । କାର୍ଯ୍ୟକ୍ରମ୍‌ଥି ହାଇକୋର୍ଟର ବିଚାର୍‌ପତି ଆଉ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ୍ ରଞ୍ଜନ୍ ପାଠକ୍, ମଧ୍ୟସ୍ଥତା ତଦାରଖ୍ କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ସଙ୍ଗମ୍ କୁମାର୍ ସାହୁ ପ୍ରମୁଖ ଉପସ୍ଥିତ୍ ଥିଲେ । ଆଏବା ୯ ତାରିଖ୍‌ତକ୍ ହେବାର୍‌କେ ଥିବା ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ଭିନ୍ ଭିନ୍ ସ୍ଥାୟୀ ଲୋକଅଦାଲତ୍‌ର ୩୨ ଝନ୍ ଅଧିକାରୀ ଯୋଗ୍ ଦେଇଛନ୍ ।

ତାରକସି ସୁବିଧା କେନ୍ଦ୍ର          କଟକ୍ ସମ୍ବାଦଦାତା

ସର୍‌କାର୍ କଟକ୍‌ର ତାରକସି କାମ୍‌କେ ବିଶ୍ୱ ଦର୍‌ବାର୍‌କେ ପୁହୁଁଚାବାର୍ ଲାଗି ଲକ୍ଷ୍ୟ ରଖିଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । କଟକ୍ ସିଡିଏ ଠାନେ ରୂପା ତାରକସି ସର୍ବସାଧାରଣ ସୁବିଧା କେନ୍ଦ୍ରର୍ ଶିଳାନ୍ୟାସ୍ କରିକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ତାରକସି କାରିଗରମାନ୍‌କୁ ତହଁକାବାର୍ ଲାଗି ଅତ୍ୟାଧୁନିକ୍ ମୋଡ଼େଲ୍‌ଥି

ତାରକସି କାମ୍ କରାଯିବା । ପାଖାପାଖି ୧୦ କୋଟି ଟଙ୍କା ଖର୍ଚ୍ଚା କରିକରି ଇ ପ୍ରକଳ୍ପ ତିଆର୍ କର୍‌ବାର୍‌କେ ଯୋଜ୍‌ନା କରାଯାଉଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ କଟକ୍ ସଦର୍ ବିଧାୟିକା ଶୋଫିଆ ଫିର୍‌ଦୋସ୍ ଙ୍କର୍ ସହେତେ ଅଲ୍‌ଗା ନେତା ଆର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଜସ୍ୱ କାର୍ଯ୍ୟାଳୟ-ବାୟୋମେଟ୍ରିକ୍ ଉପସ୍ଥାନ୍ ହି.ସ.

ରାଜ୍ୟର୍ ଫି’ ଜିଲ୍ଲାର୍ ରାଜସ୍ୱ କାର୍ଯ୍ୟାଳୟ ମାନ୍‌କେ ବାୟୋମେଟ୍ରିକ୍ ଉପସ୍ଥାନ୍ ବ୍ୟବସ୍ଥା କରାଯିବା । ଇ ବାବ୍‌ଦେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ରାଜସ୍ୱ କାର୍ଯ୍ୟାଳୟ ସବୁ କର୍ମଚାରୀ ଲାଗି ବାୟୋମେଟ୍ରିକ୍ ଉପସ୍ଥାନ୍ ବ୍ୟବସ୍ଥା ବାଧ୍ୟତାମୂଲକ୍ ଆଏ ବଲି ଚିଠି ଲେଖାଯାଇଛେ । ଇ ନିଷ୍ପତି ଜରିଏ ଠିକ୍ ସମିଆଥି କର୍ମଚାରୀମାନ୍‌କର୍ କାର୍ଯ୍ୟାଳୟକେ ପୁହୁଁଚିବାର୍ ସୁନିଶ୍ଚିତ୍ କରାଯାଇପାର୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସଚିବସ୍ତରୀୟ ବୈଠକ୍          ଏକ୍ସ

ରାଜ୍ୟର୍ ଭିନ୍ ଭିନ୍ ବିଭାଗ୍‌ର ଅପାରଗ ଅଧିକାରୀମାନ୍‌କର୍ ବାବ୍‌ଦେ ଆଏବା ୭ ତାରିଖ୍ ଗୁରୁବାର୍ ଦିନ୍‌ତକ୍ ତଥ୍ୟ ଦେବାର୍‌କେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ନିର୍ଦ୍ଦେଶ୍ ଦେଇଛନ୍ । ଅପାରଗ ଅଧିକାରୀମାନ୍‌କର୍ ତାଲିକା ସଙ୍ଗେ ସେମାନ୍‌କର୍ ଭିତ୍‌ରୁ କେତେଝନ୍‌କୁ ବାଧ୍ୟତାମୂଲକ୍ ଅବସର ଦିଆଯାଇଛେ, ସେ ବାବ୍‌ଦେ ଭିଲ୍ ତଥ୍ୟ ଦେବାର୍‌କେ ବିଭାଗୀୟ ସଚିବ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଆଘୋନୁ ସଚିବ ସ୍ତରୀୟ ବୈଠକ୍‌ଥି ଇ ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ଜୋର୍ ଦେଇଥିଲେ ।

ଜନ ଅଭିଯୋଗ୍ ଶୁଣାଣି- ମୁଖ୍ୟମନ୍ତ୍ରୀ     ଭୁବନେଶ୍ୱର୍

ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ଠାନେ ଆଏବା ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ହେବା । ଭୁବ୍‌ନେଶ୍ୱର୍ ଦୁଇନମ୍ବର୍ ୟୁନିଟ୍ ଅଶୋକ୍ ନଗର୍ ଠାନେ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ପରିସର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୁକ୍‌କର୍ ଅଭିଯୋଗ୍ ମାନ୍‌କର୍

ଶୁଣାଣି କର୍‌ବେ । ଇଥିର୍‌ଲାଗି ଆଏବା କାଏଲ୍‌ଠାନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଇଛୁକ୍ ଲୁକେ ଜନଶୁଣାଣି ପୋର୍ଟାଲ୍ ଆଉ ଜନଶୁଣାଣି ମୋବାଇଲ୍ ଆପ୍ଲିକେସନ୍ ଜରିଏ ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶିଶୁ ସୁରକ୍ଷା ଆୟୋଗ୍ ଅଧ୍ୟକ୍ଷା ହି.ସ.

ରାଜ୍ୟ ସର୍‌କାର୍ ବାଲେଶ୍ୱର୍‌ର ଶୋଭନା ମହାନ୍ତିଙ୍କୁ ମହିଲା କମିଶନ୍ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଛନ୍ । ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ ଆଏବା ୩ ବଛର୍‌ତକ୍ ଶ୍ରୀମତୀ ମହାନ୍ତି ଇ ଦାୟିତ୍ୱଥି ରହେବେ ।

ସେଆଡ଼େ ଶିଶୁ ସୁରକ୍ଷା ଆୟୋଗ୍ ଅଧ୍ୟକ୍ଷା ଭାବେ ବ୍ରହ୍ମପୁର୍‌ର ବବିତା ପାତ୍ରଙ୍କୁ ଭିଲ୍ ନିଯୁକ୍ତି ଦେଇଛନ୍ । ଶ୍ରୀମତୀ ପାତ୍ର ଆଏବା ୩ ବଛର୍‌ତକ୍ ଦାୟିତ୍ୱଥି ରହେବେ । ଗଲା ୫ ମାସ୍ ହେଲା ଇ ପଦ୍ ଖାଲିରହିଥିଲା । ଇତାର୍‌ଛଡ଼ା ଆୟୋଗ୍‌ର ଆଉ ୬ ଝନ୍ ସଦସ୍ୟଙ୍କୁ ଭିଲ୍ ରାଜ୍ୟ ସର୍‌କାର୍ ନିଯୁକ୍ତି ଦେଇଛନ୍ ।

ଫାଇଲେରିଆ- ସାମୂହିକ୍ ଉଷୋ    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଫାଇଲେରିଆ ଦୂର୍ କର୍‌ବାର୍ ଲାଗି ସାମୂହିକ୍ ଉଷୋ ଖୁଆବାର୍ କାର୍ଯ୍ୟକ୍ରମ୍ ଆଏବା ରଏବାର୍ ୧୦ ତାରିଖ୍‌ନୁ ମୁଲ୍ ହେବା । କାର୍ଯ୍ୟକ୍ରମ୍ ଜରିଏ ରାଜ୍ୟର୍ ୧ କୋଟି ୭ ଲାଖ୍ ଲୁକ୍‌କୁ ଫାଇଲେରିଆ ନିରୋଧୀ ଉଷୋ ଖୁଆଯିବା । ଝାର୍‌ସୁଗୁଡ଼ା, ବର୍‌ଗଡ୍, ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର୍ ୧୨ ଟା ଜିଲ୍ଲା ନ ୧୦ ନୁ ୧୯ ତାରିଖ୍ ଭିତ୍‌ରେ ଉଷୋ ଖୁଆଯିବା । ଶହେ ୧୫ ଟା ୟୁନିଟ୍ ଜରିଏ ଇ କାର୍ଯ୍ୟକ୍ରମ୍ ହେବା । ଇତାର୍‌ସହେତେ ଜାତୀୟ କୃମିନାଶକ୍ ଦିବସ୍ କାର୍ଯ୍ୟକ୍ରମର ୨ ନମ୍ବର୍ ଖେପ୍ ଭିଲ୍ ହେବା ।

ପଣ୍ଡିତ୍ ନୀଳକଣ୍ଠ ଦାସ ଜୟନ୍ତୀ    I&PR

ସତ୍ୟବାଦୀ ବନ ବିଦ୍ୟାଳୟର୍ ମୁଖ୍ୟ ପୁରୋଧା ଆଉ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ୍ ନୀଳକଣ୍ଠ ଦାସଙ୍କର୍ ଶହେ ୪୧ ତମ ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଆଏଜ୍ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଆଏଜ୍ ସଖାଲ୍‌ବେଲା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ପରିସର୍ ନ ଥିବା ତାଙ୍କର୍ ପ୍ରତିମୂର୍ତ୍ତିଥି ଫୁଲ୍‌ମାଲ୍ ଦେଇକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଇ ଅବ୍ସରେ ବିଧାନ୍ସଭା ତର୍ଫୁ ପଣ୍ଡିତ୍ ନୀଳକଣ୍ଠଙ୍କର୍ ଉପ୍ରେ ଲେଖା ହେଇଥିବା ଗୁଟେ ବହି ଉନ୍ମୋଚନ୍ କରାଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଓଡ଼ିଆ ଭାଷା ଆନ୍ଦୋଳନ୍ର କର୍ଣ୍ଣଧାର ପଣ୍ଡିତ ନୀଳକଣ୍ଠ ଦାସ୍ଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ଉତରାଖଣ୍ଡ- ବର୍ଷା        ଏଆଇଆର୍ ଏକ୍ସ

ଉତରାଖଣ୍ଡର ଉତର୍କାଶୀ ଜିଲ୍ଲା ନ ବାଦଲ୍ଫଟା ବର୍ଷାଥି ବହୁତ୍ଟେ ଧନ୍ ଜୀବନ୍ ନୁକ୍ସାନ୍ ହେଇଛେ । କ୍ଷୀରଗଙ୍ଗା ନଦୀ ଉପ୍ରେ ବାଦଲ୍ ଫାଟିକରି ବର୍ଷା ହେବାର୍ନୁ ଜିଲ୍ଲାର୍ ଧରାଲି ଗାଁ ପଏର୍ଛା ଉହୁଲିଯାଇଛେ । ଇଥି ବହୁତ୍ ଲୋକ୍ ନିଖୋଜ୍ ଥିବାର୍ ସୂଚ୍ନା ମିଳିଛେ । ଏନ୍ଡ଼ିଆର୍ଏଫ୍ ଆର୍ ଏସ୍ଡିଆର୍ଏଫ୍ ଟିମ୍ ଉଦ୍ଧାର୍ କାମ୍ଥି ଲାଗିଛନ୍ । ଖବର୍ ପାଇକରି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା- ଉତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ କଥା ହେଇକରି ଥିତି ବାବ୍ଦେ ପଚ୍ରେଇକରି ବୁଝିଛନ୍ ।

ଆଇଆଇଏମ୍ -ବୁନ୍କାର୍ ତାଲିମ୍        ସମ୍ବଲ୍ପୁର୍ ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ସେଂଟର୍ ଫର୍ ରେସ୍‌ପନ୍‌ସିବୁଲ୍ ବିଜ୍‌ନେସ୍ ର ଦେଖ୍‌ରେଖ୍‌ଥି ପଶ୍ଚିମ ଓଡ଼ିଶାର୍ ମାଷ୍ଟର୍ ବୁନ୍‌କାର୍ ମାନ୍‌କର୍ ଲାଗି ଚାଲିଥିବା ଉଦ୍ୟମିତା ବିକାଶ୍ କାର୍ଯ୍ୟକ୍ରମ୍‌ର ୩ ନମ୍ବର୍ ଖେପ୍ ଆଏଜ୍ ଶେଷ୍ ହେଇଛେ । କାର୍ଯ୍ୟକ୍ରମ୍ ୩ ହପ୍ତାତକ୍ ଚାଲିଥିଲା । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁରୀ ହସ୍ତତନ୍ତକେ ବିଶ୍ୱସ୍ତର୍‌ଥି ପୁହୁଁଚାବାର୍ ଲାଗି ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ବଛା ହେଇଥିବା ୨୫ ଝନ୍ ବୁନ୍‌କାର୍‌ଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ୍ ଦିଆଯାଇଥିଲା ।

ସାର୍ ଦୁକାନ୍- ଲାଇସେନ୍ସ ରଦ୍ଦ ଏକ୍ସ

କୃଷି ବିଭାଗ୍ ତର୍‌ଫୁ ବର୍‌ଗଡ଼୍ ଜିଲ୍ଲାର୍ ୬ ଟା ସାର୍ ଦୁକାନ୍‌ର ଲାଇସେନ୍ସକେ ରଦ୍ଦ କରାଯାଇଛେ । ସାରର୍ କଳାବଜାର୍ ଅଭିଯୋଗ୍ ହେବାର୍ ଉତ୍‌ରୁ ଇ ପଦକ୍ଷେପ୍ ନିଆଯାଇଛେ । ଇଥିର୍ ଭିତ୍‌ରେ ବର୍‌ଗଡ଼୍ ସହରର୍ ୪ ଟା ଆଉ ପଦ୍ମପୁର୍‌ର ୨ ଟା ଦୁକାନ୍ ରହିଛେ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜିଲ୍ଲାପାଳ୍‌ଙ୍କର୍ ସମୀକ୍ଷା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଆଏଜ୍ ସଦର୍ ବ୍ଲକ୍ ତାଲସରଡ଼ା ଆଉ ବାଉଁଶୁଣି ପଂଚାୟତ୍‌ର ଭିନ୍ ଭିନ୍ ନିର୍ମାଣାଧୀନ୍ ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କରିଛନ୍ । ଜିଲ୍ଲାପାଲ୍ ଶ୍ରୀ ନାଏକ୍ ତାଲସର୍‌ଡ଼ା ପଂଚାୟତ୍ କାର୍ଯ୍ୟାଳୟ ନ ସମୀକ୍ଷା ବୈଠକ୍ କର୍‌ବାର୍ ଉତ୍‌ରୁ ପିଡ଼ିଏସ୍ ବ୍ୟବସ୍ଥାର୍ ତଦାରଖ୍ କରିଥିଲେ । ସାହାଜ୍‌ପାଲ୍‌ଠାନେ ତିଆର୍ ହଉଥିବା କଲ୍ୟାଣ୍ ମଣ୍ଡପ୍ କାମ୍ ତୁର୍‌ତି ସାର୍‌ବାର୍‌କେ ଯନ୍ତ୍ରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ।

ସ୍ତନ୍ୟପାନ ସପ୍ତାହ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ନୂଆଁ ଡାକ୍ତର୍‌ଖାନା ପରିସର୍ ନ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଲିତ୍ ହେଇଯାଇଛେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱ ମୋହନ୍ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଛୁଆମାନ୍‌କର୍ ଲାଗି ମା'ର୍ ଗୁରସ୍‌ର ମହତ୍ୱ ବାବ୍‌ଦେ ବୁଝେଇଥିଲେ । ବୈଠକ୍‌ଥି ସ୍ୱାସ୍ଥ୍ୟ ବିଭାଗ୍‌ର କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀମାନେ ଉପସ୍ଥିତ୍ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୌସୁମୀ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ୍‌ଘଡ଼ି ସହେତେ ହାଲ୍‌କାନୁ ମଧ୍ୟମ୍ ବର୍ଷା ହେଇପାରେ । ଇ ସମିଆଥି ବୌଦ୍ଧ, କଲାହାଣ୍ଡି, ସୁନ୍ଦର୍‌ଗଡ୍ ସହେତେ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ଘଡ୍‌ଘଡ଼ି ଆଉ ଜବର୍ ଧୁକାଗର୍ଦ୍ଦି ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।